# NATIONAL NEWS BULLETIN (ODIA)

**14 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ଆସନରେ ରାଜ୍ୟସଭା ଉପନିର୍ବାଚନ ଲାଗି ପ୍ରକାଶ ପାଇଲା ବିଜ୍ଞପ୍ତି ।
- ବିଭାଜନ ବିଭୀଷିକା ସ୍ମରଣ ଦିବସ ଅବସରରେ ପ୍ରଭାବିତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ ।
- ଦେଶବ୍ୟାପୀ ହରଘର ତିରଙ୍ଗା ଅଭିଯାନ ଜାରି

ଏବଂ

- ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ ସେବା ଲାଗି ୧ ହଜାର ୩୭ ଜଣ କର୍ମଚାରୀଙ୍କୁ ସାହସିକତା ଓ ସେବା ପଦକ ପ୍ରଦାନ ।

---

## ପ୍ରେଜ୍-ଆଡ୍ରେସ୍

୭୮ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ । ସନ୍ଧ୍ୟା ୭ଟାରେ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ଦୂରଦର୍ଶନରେ ରାଷ୍ଟ୍ରପତିଙ୍କ ହିନ୍ଦୀ ଏବଂ ଇଂରାଜୀ ଅଭିଭାଷଣ ପରେ ପରେ ଏହାର

ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ସେହିଭଳି ଆକାଶବାଣୀରେ ରାତି ସାଢ଼େ ୯ଟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ ହେବ ।

## ରାଜ୍ୟସଭା-ଇଲେକ୍ସନ

ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ଆସନ ପାଇଁ  ସେପ୍ଟେମ୍ବର ୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଆସନ୍ତା ୨୧ ତାରିଖରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି । ୨୨ ତାରିଖରେ ନାମାଙ୍କନପତ୍ରଗୁଡ଼ିକୁ ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା କରାଯିବ । ୨୭ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ମନୋନୟନପତ୍ର ପ୍ରତ୍ୟାହାର କରିପାରିବେ ବୋଲି ରାଜ୍ୟସଭା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି ।

## ଶାହା-ହରଘର ତିରଙ୍ଗା

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ହର୍‌ଘର ତିରଙ୍ଗା ଅଭିଯାନର ଅଂଶ ସ୍ୱରୂପ ଆଜି ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ତିରଙ୍ଗା ଉଡ଼ାଇଛନ୍ତି । ଦେଶବାସୀଙ୍କ ମଧ୍ୟରେ ଜାତୀୟତାବୋଧ ଏବଂ ଦେଶାତ୍ମବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସମଗ୍ର ଦେଶରେ ଅଗଷ୍ଟ ୯ ତାରିଖରୁ ଆସନ୍ତାକାଲି ପର୍ଯ୍ୟନ୍ତ ହରଘର ତିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ସରକାର ଦେଶବାସୀଙ୍କୁ ନିଜ ଘରେ ତିରଙ୍ଗା ପତାକା ଉଡ଼ାଇବା ସହ ହର୍ ଘର ତିରଙ୍ଗା ୱେବ୍‌ସାଇଟ୍ ମାଧ୍ୟମରେ ସେଲ୍‌ଫି ଉଠାଇ ଅପ୍‌ଲୋଡ଼୍ କରିବାକୁ ଆହ୍ୱାନ ଦେଇଛନ୍ତି ।

# ଶାହା-ତ୍ରିପୁରା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତ୍ରିପୁରାରେ ପୌର ନିର୍ବାଚନରେ ବିଜେପିର ବିପୁଳ ବିଜୟ ପାଇଁ ତ୍ରିପୁରାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଶ୍ରୀ ଶାହା ତ୍ରିପୁରାବାସୀଙ୍କର ଏହା ବିଜୟ ବୋଲି କହିଛନ୍ତି । ତ୍ରିପୁରାର ମୁଖ୍ୟମନ୍ତ୍ରୀ ଡକ୍ଟର ମାଣିକ ଶାହଙ୍କୁ ସେ ଧନ୍ୟବାଦ ଜଣାଇବା ସହ ବିଜେପି ରାଜ୍ୟସଭାପତି ରାଜୀବ ଭଟ୍ଟାଚାର୍ଯ୍ୟ ଏବଂ ଦଳୀୟ କର୍ମୀମାନଙ୍କର ସହଯୋଗକୁ ସାଧୁବାଦ ଜଣାଇଛନ୍ତି ।

---

# ଗ୍ୟାଲେଣ୍ଟ୍ରି ଆୱାର୍ଡ

ସ୍ୱାଧୀନତା ଦିବସ ଅବସରରେ ପୋଲିସ୍, ଅଗ୍ନିଶମ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଆଦି ସେବାର ୧ ହଜାର ୩୭ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯାଇଛି । ତେଲଙ୍ଗାନା ପୋଲିସ୍‌ର ହେଡ୍ କନେଷ୍ଟବଳ ଚାଦୁଭୁ ଓ୍ୱାଦାହି ଙ୍କୁ ରାଷ୍ଟ୍ରପତିଙ୍କ ସାହସିକତା ପଦକ ପ୍ରଦାନ କରାଯାଇଛି । କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦନା କରିଥିବା ବ୍ୟକ୍ତିବିଶେଷଙ୍କୁ ଏହିସବୁ ପଦକ ପ୍ରଦାନ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ୨୧୩ ଜଣଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଉଲ୍ଲେଖନୀୟ ସେବା ପାଇଁ ୯୪ ଜଣଙ୍କୁ, ୭୫ ଜଣଙ୍କୁ ପୋଲିସ୍ ସେବା, ୮ ଜଣଙ୍କୁ ଅଗ୍ନିସେବା, ୮ଜଣଙ୍କୁ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ପଦକ ପ୍ରଦାନ କରାଯାଇଛି । ସେହିପରି ୭୨୯ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯାଇଛି ।

---

# ଅମ୍ରିତ ଉଦ୍ୟାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଅମୃତ ଉଦ୍ୟାନ ସମର ଆନୁଆଲ୍‌ସ-୨୦୨୪ ଉଦ୍ଘାଟନ କରିଛନ୍ତି । ଆସନ୍ତା ଶୁକ୍ରବାର ଠାରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲା ରହିବ । ଯୁବଗୋଷ୍ଠୀ ଅମୃତ ଉଦ୍ୟାନ ଭ୍ରମଣ କରିବା ସହ ସକାରାତ୍ମକ ଚିନ୍ତାଧାରା ମନରେ ଜାଗ୍ରତ କରିବା ପାଇଁ ଏହାର ଲକ୍ଷ୍ୟ ରହିଛି । ଏହାର ସୁନ୍ଦର ଏବଂ ସଂଗୀତମୟ ପରିବେଶ ଛାତ୍ରଛାତ୍ରୀମାନଙ୍କୁ ମୁଗ୍ଧ କରିବ ବୋଲି ଆଶା ପ୍ରକାଶ କରାଯାଇଛି । ଉଦ୍ୟାନକୁ ଆସୁଥିବା ପରିଦର୍ଶକମାନଙ୍କୁ ପରିବେଶ ଅନୁକୂଳ ସିଟ୍ ପେପର ସ୍ମାରକୀ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ପ୍ରଥମଥର ଲାଗି ଅମୃତ ଉଦ୍ୟାନ ବୁଲିବା ଲାଗି କ୍ରୀଡ଼ାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଛି । କ୍ରୀଡ଼ାବିତ୍‌ମାନେ ଚଳିତ ମାସ ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସରେ ଭ୍ରମଣ କରିପାରିବେ । ଉଦ୍ୟାନରେ ଥିବା ମନୋମୁଗ୍ଧକର ବୃକ୍ଷ ଏବଂ ପୁଷ୍ପରାଜିକୁ ଅବଲୋକନ କରିପାରିବେ । ଉଦ୍ୟାନରେ ବୋନ୍‌ସାଇ ଗାର୍ଡେନ୍, ଗୋଲାପ, ଐତିହାସିକ ବରଗଛ ଆଦି ବିରଳ ବୃକ୍ଷରାଜି ରହିଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଉଦ୍ୟାନ ଭ୍ରମଣ କରିବା ନିମନ୍ତେ ରାଷ୍ଟ୍ରପତି ଭବନର ୱେବ୍‌ସାଇଟ୍ ମାଧ୍ୟମରେ ଟିକେଟ୍ ବୁକ୍ କରିପାରିବେ ।

# ବିଭାଜନ ବିଭୀଷିକା ଦିବସ

ଆଜି ହେଉଛି ବିଭାଜନ ବିଭୀଷିକା ସ୍ମରଣ ଦିବସ । ୧୯୪୭ ମସିହାରେ ଭାରତ ବିଭାଜନ ଯୋଗୁଁ ଲୋକଙ୍କ ଯନ୍ତ୍ରଣା ଓ ପୀଡ଼ିତଙ୍କ ଦୁଃଖକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେତେବେଳେ ବହୁ ସଂଖ୍ୟାରେ ଲୋକ ଭୋଗିଥିବା ଦୁଃଖ ଓ ଯନ୍ତ୍ରଣାର ସ୍ମୃତିଚାରଣ କରିଛନ୍ତି । ସେତେବେଳେ ସେମାନେ ଦେଖାଇଥିବା ସାହସକୁ ସେ ମନେ ପକାଇ ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ବିଭାଜନ ଦ୍ୱାରା ପ୍ରଭାବିତ ଅନେକ ଲୋକ ସାହସ ପ୍ରଦର୍ଶନ କରି ପରବର୍ତ୍ତୀ ସମୟରେ ସେମାନଙ୍କ ଜୀବନକୁ ପୁନଃ ଗଢ଼ିବାରେ ସକ୍ଷମ ହୋଇଥିଲେ। ତେଣୁ ଏକତାର ବନ୍ଧନକୁ ଅତୁଟ ରଖିବା ଓ ଭ୍ରାତୃଭାବ ପ୍ରଦର୍ଶନ ଲାଗି ଦେଶର ଅଙ୍ଗୀକାରବଦ୍ଧତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ଦେଶ ବିଭାଜନ ସମୟରେ ପ୍ରାଣ ହରାଇଥିବା ବ୍ୟକ୍ତି ଏବଂ ଯେଉଁମାନେ ସେମାନଙ୍କର ମୂଳ ସ୍ଥାନରୁ ବିସ୍ଥାପିତ ହୋଇଥିଲେ, ସେମାନଙ୍କୁ ସ୍ମରଣ କରିବା ପାଇଁ ଭାରତ ସରକାର ୨୦୨୧ ଠାରୁ ପ୍ରତିବର୍ଷ ଅଗଷ୍ଟ ୧୪ ତାରିଖକୁ ବିଭାଜନ ବିଭୀଷିକା ସ୍ମରଣ ଦିବସ ଭାବେ ପାଳନ କରିଆସୁଛି ।

## ଫୋମିଓ କିଷିଦା

ଜାପାନ ପ୍ରଧାନମନ୍ତ୍ରୀ ଫୋମିଓ କିଷିଦା ଆସନ୍ତା ସେପ୍ଟେମ୍ବର ମାସରେ ତାଙ୍କ ପଦବୀରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି । ଶାସକ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ଅନ୍ୟ ଜଣେ ବରିଷ୍ଠ ନେତାଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ଅବସ୍ଥାପିତ କରିବା ଲାଗି ଚାହୁଁଥିବାରୁ କିଷିଦା ତାଙ୍କ ପଦବୀରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି ।  ୨୦୨୧ ମସିହାରୁ ପ୍ରଧାନମନ୍ତ୍ରୀ ରହିଆସିଥିବା କିଷିଦାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଥିଲେ ।

# କୋଲକାତା- ଆନ୍ଦୋଳନ

ପଶ୍ଚିମବଙ୍ଗରେ ଜୁନିୟର ଏବଂ ରେସିଡେଣ୍ଟ ଡାକ୍ତରଙ୍କ ଧର୍ମଘଟ ଯୋଗୁଁ ଚିକିତ୍ସାସେବା ବାଧାପ୍ରାପ୍ତ ହୋଇଛି । ଆନ୍ଦୋଳନରେ ବରିଷ୍ଠ ଡାକ୍ତରମାନେ ମଧ୍ୟ ଅଂଶ ଗ୍ରହଣ କରିଛନ୍ତି । ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ଓ.ପି.ଡି ସେବା ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି। କୋଲକାତାରେ ବିରୋଧୀଦଳ ଏବଂ ସାଧାରଣ ଲୋକ ଓ ବିଭିନ୍ନ ଛାତ୍ରସଂଗଠନ ପକ୍ଷରୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଅପରପକ୍ଷେ ଦିଲ୍ଲୀରୁ ଆସିଥିବା ସିବିଆଇର ଏକ ଦଳ କୋଲକାତା ପୋଲିସ୍ ଠାରୁ ଏହି ଘଟଣାରେ ସଂପୃକ୍ତ ସଂଜୟ ରାୟଙ୍କୁ ନିଜ ହେପାଜତକୁ ନେଇଛି।

# କେଜରିୱାଲ୍

ଦିଲ୍ଲୀ ଅବକାରୀ ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବାକୁ ସୁପ୍ରିମକୋର୍ଟ ଆଜି ମନା କରିଦେଛନ୍ତି । ଆମ ଆଦମୀ ପାର୍ଟିର ନେତାଙ୍କ ଜାମିନ ଆବେଦନ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ସିବିଆଇଠାରୁ ଜବାବ ମାଗିଛି। ଏହି ଘଟଣାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖରେ କରାଯିବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ଆମ୍ଆଦମୀ ପାର୍ଟିର ମୁଖ୍ୟ ଶ୍ରୀ କେଜରିୱାଲ ଦିଲ୍ଲୀ ମଦ ନୀତି ଦୁର୍ନୀତିରେ ଅର୍ଥ ହେରଫେର ହୋଇଥିବା ଅଭିଯୋଗରେ ଜୁନ୍ ୨୬ ତାରିଖରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ ।

# ଚନ୍ଦ୍ରବାବୁ-ହରଘର ତିରଙ୍ଗା

ଦେଶର ଅଖଣ୍ଡତା ବଜାୟ ରଖିବା ସହ ହର୍ ଘର୍ ତିରଙ୍ଗା ଅଭିଯାନରେ ନାଗରିକଙ୍କ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବା ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକଙ୍କ ଘରେ ଜାତୀୟ ପତାକା ଉଡ଼ାଇବା ଲାଗି ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ତେଲୁଗୁ ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ଦ୍ୱାରା ତିରଙ୍ଗାର ପରିକଳ୍ପନା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡଡୁ ରାଜ୍ୟବାସୀ ଗର୍ବିତ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ନାଗରିକମାନେ ଜାତୀୟ ପତାକାକୁ ନିଜ ଘରେ ଏବଂ କାର୍ଯ୍ୟାଳୟରେ ଉଡ଼ାଇବା ସହ ସାମାଜିକ ଗଣମାଧ୍ୟମରେ ପ୍ରୋଫାଇଲ୍ ଭାବେ ରଖି ଜାତୀୟ ଅଖଣ୍ଡତାକୁ ପ୍ରଦର୍ଶନ କରନ୍ତୁ ।

---

# ବିନେସ୍ ଫୋଗତ୍-ହିଅରିଂ

ଭାରତୀୟ କୁସ୍ତି ଯୋଦ୍ଧା ବିନେଶ ଫୋଗତ୍‌ଙ୍କ ମାମଲାର ରାୟ ପ୍ରକାଶକୁ କୋର୍ଟ୍ ଅଫ୍ ଆର୍ବିଟ୍ରେସନ୍ ଫର୍ ସ୍ପୋର୍ଟସ୍ (ସି.ଏ.ଏସ୍.) ସ୍ଥଗିତ ରଖିଛନ୍ତି । ଆସନ୍ତା ୧୬ ତାରିଖରେ ଏହି ରାୟ ପ୍ରକାଶ ପାଇବାର ସମ୍ଭାବନା ରହିଛି ବୋଲି ଗତକାଲି ଆଇ.ଓ.ଏ. ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ।

ସୂଚନା ଯୋଗ୍ୟ ଗତକାଲି ଏହି ରାୟ ପ୍ରକାଶ ପାଇବାର ଦିନ ଧାର୍ଯ୍ୟ ହୋଇଥିଲା । ଆଇ.ଓ.ଏ. କହିଛି, ସି.ଏ.ଏସ୍. ଆଡହକ୍ ଡିଭିଜନ୍ ସଭାପତି ଏହି ମାମଲାରେ ଏକ ମାତ୍ର ମଧ୍ୟସ୍ଥ ଡକ୍ଟର ଆନାବେଲ ବେନେଟ୍‌ଙ୍କୁ ଏହି ସମୟସୀମା ବୃଦ୍ଧି କରିବାକୁ ଅନୁମତି ପ୍ରଦାନ କରିଛନ୍ତି ।

କ୍ୟୁବା କୁସ୍ତି ଯୋଦ୍ଧା ୟୁସ୍ନେଲିସ୍ ଗୁଜମାନ୍ ଲୋପେଜ୍‌ଙ୍କ ସହ ମିଳିତ ଭାବେ ରୌପ୍ୟ ପଦକ ଦାବି କରି ବିନେଶ ଫୋଗଟ୍ ସି.ଏ.ଏସ୍.ରେ ଆବେଦନ କରିଥିଲେ । ଅଲିମ୍ପିକ୍ସ ସେମିଫାଇନାଲ୍ ପ୍ରତିଯୋଗିତାରେ ଲୋପେଜ୍ ବିନେଶଙ୍କ ଠାରୁ ପରାସ୍ତ ହୋଇଥିଲେ ମଧ୍ୟ ବିନେଶଙ୍କା ଅଯୋଗ୍ୟତା ଘୋଷଣା ପରେ ଲୋପେଜ୍ ଫାଇନାଲ୍ ଖେଳିଥିଲେ । ଫାଇନାଲ୍ ମୁକାବିଲା ପୂର୍ବରୁ ଓଜନ ମାପ ସମୟରେ ବିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ।

---